# ଓଁ ତତ୍ସତ୍

କବି ରଘୁନାଥ ଦାସ

ମୁଁ ଚାହେଁ ଜୀବନର ଅନନ୍ତ ପ୍ରବାହେ

ମିଶିବାକୁ;

ଭାସିବାକୁ ସୀମାହୀନ ମହାସ୍ରୋତେ ନିଜକୁ ହଜାଇ :

ବିନ୍ଦୁ ଏକ ମହାକାଳ ସିନ୍ଧୁବକ୍ଷେ

ଯହିଁ ଆଉ ନଥିବ ମୋ ସତ୍ତା-

ଜନ୍ମଜନ୍ମାନ୍ତର ମୁହିଁ

ଖୋଜି ବୁଲେ ସେ ପ୍ରଶାନ୍ତି, ସେହି ନୀରବତା ।

ଝରିଲି ମୁଁ ବାରିବିନ୍ଦୁ ଟପ ଟପ ଟପ...

ଡାକେ ମୋତେ ବନଲତା

ଗିରି ଗୁଳ୍ମ ଆରଣ୍ୟ ବିଟପ,

ଡାକେ ମୋତେ ତୃଷାର୍ତ୍ତ ମୃତ୍ତିକା ଧରିତ୍ରୀର ।

ନିର୍ବାପି ଅସହ୍ୟ ରୁଦ୍ରଶିଖା

ଝରିଲେ ମୁଁ ବାରିଧାରା ଝର ଝର ଝର......

ଶିହରୁଛି ବନଭୂଇଁ-

ଶିହରୁଛି ପର୍ବତ ଶିଖର

ଜୀବନର ନବ କୋଳାହଳେ;

www.jatayu.org

# ଓଁ ତତ୍ସତ୍

କବି ରଘୁନାଥ ଦାସ

ଜୀବନର ବାର୍ତ୍ତାବହ,

ଅସ୍ଥିର ମୁଁ ,ଚଳିବି ଚଞ୍ଚଳେ

ସାଥୀ ମେଳେ ଡେଇଁ ଡେଇଁ ଶିଳାରୁ ଶିଳାରେ

ଛନ୍ଦେ ଛନ୍ଦେ ନାଚି ନାଚି ତାଳେ ତାଳେ ତାଳେ;

ମୁଁ ଏକ ନିର୍ଝର

ରହିବାକୁ କୁହନାହିଁ,

ବହୁପଥ ଯିବି ମୁହିଁ

ସେଥିଲାଗି ଗତିମୋର ତର ତର ତର

ମୁଁ ଏକ ନିର୍ଝର ।

ପରବତ ଛାଡି ଏବେ ସମତଳେ ଗଡିଲି,

କଳ କଳ ଛଳ ଛଳ ଚପଳତା ଛାଡିଲି,

ଫୁଲି ଫୁଲି ଉଠେ ଛାତି, ନଈ ହୋଇ ବଢ଼ିଲି ।

ମୁଁହି ଏବେ ସମତଳେ ଗଡ଼ିଲି ।

ଯୌବନ ଉନ୍ମାଦଭରା ସ୍ୱର୍ଣାତୁରା କୁମାରୀ ମୁଁ କନ୍ୟା,

ଉଲ୍ଲାସ- ଉଚ୍ଛଳ,

www.jatayu.org

# ଓଁ ତତ୍ସତ୍

କବି ରଘୁନାଥ ଦାସ

ମାନେ ନା ଶୃଙ୍ଖଳା-

-ପ୍ଲାବନୀ ମୁଁ ବନ୍ୟା ।

ମୁଁ ବନ୍ୟା! ମୁଁ ବନ୍ୟା!

ରୌଦ୍ରର ଔରସୁ ଜାତ

ମତୁଆଲା ଶ୍ରାବଣୀର କନ୍ୟା,

କଳାମେଘୀ; ମୁଁ ବନ୍ୟା ।

ବିଭବର ଗୁରୁଭାରେ ଉନ୍ମାଦିନୀ-

କୁଳଟା ମୁଁ ରାଧା;

ଖମାଖାଲ ବାଡହିଡ ଡ଼େଇଁ ଚାଲେ;

ଏଡିଦେଇ ବାଧା,

କୂଳ ଲଙ୍ଘିଯାଏ ବହି

ପଥେ ପଥେ ଜନପଦ ଆବୋରି

ମୋତେ ଦେଖି ଶଙ୍କି ଯାଏ କେ, କିଏ ବା କହେ ଫାଙ୍ଗୁଳି;

ମୁଁ ଜାଣେ ମୁଁ କିନ୍ତୁ କୁଳବୁଡା ନୁହେଁ ନୁହେଁ,

ମୁଁ ରାଇ ରାଧା ବାତୁଳୀ,

ବଂଶୀସ୍ବନେ ପ୍ରାଣମୋର ଚହଲିଛି-

www.jataayu.org

# ଓଁ ତତ୍ସତ୍

କବି ରଘୁନାଥ ଦାସ

ପଡିଛି ତ ଉଚ୍ଛୁଳି ।

ଉନ୍ମାଦିନୀ ନୁହେଁ ଆଉ; ପ୍ରାଣେ ମୋର ଗୁରୁ ଗଭୀରତା;

ମୁଁ ଏବେ କୁଳବଧୂ: ସସଂଭ୍ରମ କୁଳାଚାରରତା□

ବେନିଧାରେ ଶ୍ୟାମ କ୍ଷେତ: କୃଷକର କଣ୍ଠଭରା ଗୀତ;

ନାଲି ନେଳି କଇଁ ଫୁଲ କାଚକେନ୍ଦୁ ତଡାଗମଣ୍ଡିତ;

ପଲ୍ଲବିତ ଆମ୍ରକୁଞ୍ଜେ ଲୋଟିଯାଏ ବାଉଳା ମହକ;

ନିଛାଟିଆ ପଠାଟାରେ ଆଡବଂଶୀ ବିମୋହୀନ ଡ଼ାକ...

ହିଂଜଳସ୍ତବକ ଝରେ,

ବକ୍ଷମୋର ସିକ୍ତ କରେ ବିନ୍ଦୁ ବିନ୍ଦୁ ରକ୍ତ;

ମତ୍ସ୍ୟଶିଶୁ ଶଙ୍କିଯାଏ ଊର୍ଦ୍ଧ୍ୱେ ଦେଖେ ମାଛରଙ୍କା ଯୋଗାସନ ରତ;

ଦିନ ଶେଷେ ଗ୍ରାମପଥେ ହାଟଫେରେ ରଙ୍ଗରଙ୍ଗି ଶାଢ଼ୀ-;

ନାବମଙ୍ଗେ ଭଞ୍ଜଗୀତି ମେଲିଦିଏ ରସିକ ନାଉରୀ-;

ଜୀବନର ରୂପରସେ ପୁରପଲ୍ଲୀ କରି ପୁଲକିତ

ଶାନ୍ତ- ପଦେ ମଧୁଛନ୍ଦେ ବହିଚାଲେ ମୁଁ;

ମୁଁ ଶୁଭାଙ୍ଗୀ ସରିତ□

www.jataayu.org

# ଓଁ ତତ୍‌ସତ୍

କବି ରଘୁନାଥ ଦାସ

ବହୁପଥ ଅତିକ୍ରମି ଆସିଲିଣି – ମୁଁ ଏକାନ୍ତ କ୍ଲାନ୍ତ;

ବହିବାକୁ ତନୁଭାରା ନାହିଁ ବଳ; ମୁଁ ଯେ ପରିଶ୍ରାନ୍ତ□

ପ୍ରାଣର ଅତଳ ଗର୍ଭେ ଶୁଭେ କା'ର ଗଭୀର ଆହ୍ବାନ,

ଶୀତଳ ହିଲ୍ଲୋଳ ଦୋଳେ ଅପରୂପ ପ୍ରଣୟର ଗାନ,

ନାରିକେଳ ଶାଖେ ଶାଖେ ଅନୁଭବେ କା' ବାହୁ ପ୍ରସାର;

କଲ୍ଲୋଳର କୋଳାହଳ ତନୁମନେ ଜଗାଏ ଶୀତ୍‌କାର;

ଅନନ୍ତର କୋଳେ ହଜିଯାଏ ମୋ ନିଜତ୍ୱ;

ମୁହିଁ ନାହିଁ ଆଉ□

ସୀମାହୀନ ଜଳ ରାଶି-ମହାସିନ୍ଧୁ-

ସେହି ସେ ତ :

ସେ ତ ମହାବାହୁ□

ଶୁଭେ ଖାଲି ଗମ୍ଭୀର ନିର୍ଘୋଷ

ଆତ୍ମାର ନିର୍ଦ୍ଦେଶ-

'ମାମେକଂ ଶରଣଂ ବ୍ରଜ;

ବିନାଶେନ ମୃତ୍ୟୁଂ ତୀର୍ତ୍ତ୍ୱା ସଂଭୂତ୍ୟାମୃତମଶ୍ନୁତେ□

www.jatayu.org

Powered by Tekons